## ସାପ କାମୁଡ଼ାରେ ଶିଶୁ ମୃତ

ରୂପସା, (ବାଞ୍ଛାନିଧି ଦେ)-ବାଲେଶ୍ୱର ଜିଲା ବସ୍ତା ଥାନା ପାଉଁଶକୁଲି ପଞ୍ଚାୟତ ଅଧୀନ ନାବଦା ଗ୍ରାମରେ ବୁଧବାର ଏକ ବିଷାକ୍ତ ନାଗ ସାପ କାମୁଡ଼ାରେ ଜଣେ ୫ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ଭବେନ୍ଦ୍ର ପାତ୍ରଙ୍କ ପୁଅ ସ୍ୱରାଜ। ସେ ସକାଳେ ଘର ଅଗଣାରେ ଖେଳୁଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ିଥିଲା। ତୁରନ୍ତ ପରିବାର ଲୋକେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଏ ସମ୍ପର୍କରେ ବସ୍ତା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ସମୁଦ୍ରରେ ଭାସିଯାଇ ପର୍ଯ୍ୟଟକଙ୍କ ମୃତ୍ୟୁ

ଭୋଗରାଇ, ୨୫।୧୦(ପ୍ରଦୀପ ଦାସ)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରୁ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ବୁଧବାର ମେରାଇନ ଥାନା ପକ୍ଷରୁ ଉଦ୍ଧାର କରାଯାଇଛି। ମୃତ ପର୍ଯ୍ୟଟକ ହେଲେ ପଶ୍ଚିମବଙ୍ଗ ହାୱଡ଼ା ଜିଲା ବାଗନାନ ଥାନା ବାଗପାଡ଼ିଆ ଗ୍ରାମର ତପନଦାସ ବୈରାଗୀ (୩୫)। ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୬ /୨୩) ରୁଜୁ କରି ପ୍ରାଥମିକ ତଦନ୍ତ ଜାରି ରଖିଛି। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ମୃତ ପର୍ଯ୍ୟଟକଙ୍କ ଆତ୍ମୀୟମାନଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ହାୱଡ଼ା ଜିଲା ବାଗନାନ ଅଞ୍ଚଳର ୬ଜଣ ପର୍ଯ୍ୟଟକ ସୀମାନ୍ତ ଦୀଘା ଥାନା ଅଧୀନ ଏକ ହୋଟେଲରେ ଅବସ୍ଥାନ କରିଥିଲେ। ମଙ୍ଗଳବାର ଅପରାହ୍ଣରେ ଉଦୟପୁରସ୍ଥିତ ସମୁଦ୍ରକୂଳରେ ୬ଜଣ ପର୍ଯ୍ୟଟକ ମଧ୍ୟରୁ ୨ଜଣ ସମୁଦ୍ରକୁ ଗାଧୋଇବା ନିମନ୍ତେ ଗଭୀର ସମୁଦ୍ରକୁ ପଶିଥିଲେ। ସମୁଦ୍ର ଜୁଆରରେ ଏହି ୨ ପର୍ଯ୍ୟଟକ ଭାସିଯାଇ ଉବୁଟୁବୁ ହେଉଥିବା ବେଳେ ଅନ୍ୟ ପର୍ଯ୍ୟଟକମାନେ ଚିତ୍କାର କରିବାରୁ ପାଖରେ ଥିବା ସ୍ପିଡବୋଟ ଦ୍ୱାରା ଜଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅନ୍ୟ ଜଣେ ନିଖୋଜ ଥିଲା ବେଳେ ବୁଧବାର ସକାଳେ ପର୍ଯ୍ୟଟକଙ୍କର ମୃତଦେହ ତାଳସାରୀ ବେଳାଭୂମିରେ ଲାଗିଥିଲା। ପୋଲିସ ଉକ୍ତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି।

### ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଚାନ୍ଦବାଲି,୨୫।୧୦(କିଷାନ ପାତ୍ର)- ଚାନ୍ଦବାଲି ବ୍ଲକ ଭାଟପଡ଼ା ପଞ୍ଚାୟତ ବାଣପୁର ଗାଁରେ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଏକ ଗଛରୁ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ଉକ୍ତ ଗାଁର ଅକ୍ଷୟ ମହାଲିକଙ୍କ ପୁଅ ପ୍ରକାଶ। ସେ ୪ ଦିନ ହେବ ଘରକୁ ଫେରି ନ ଥିବା ବେଳେ ସୋମବାର ତାଙ୍କର ମୃତଦେହ ଗ୍ରାମ୍ୟ ଜଙ୍ଗଲର ଏକ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ଚାନ୍ଦବାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅପରପକ୍ଷେ ମୃତଦେହର ପାଦ ମାଟିରେ ଲାଗିଥିବା ଓ ପାଦରେ ରକ୍ତଚିହ୍ନ ଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି।

### ପଛକୁ ଗଡ଼ିଲା ବସ୍, ଚାପି ହୋଇ ହେଲପର ମୃତ

ବାରିପଦା,୨୫।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦା ସହର ସତ୍ୟସାଇ ଛକ ରାସ୍ତା ପାର୍ଶ୍ୱରେ ଅଟକି ଥିବା ଏକ ବସ୍ ପଛକୁ ଗଡ଼ିବାରୁ ହେଲପରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୀନବନ୍ଧୁ ବେହେରା(୪୧)। ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ସୂଚନା ଅନୁଯାୟୀ, ଜନଗହଳିପୂର୍ଣ୍ଣ ସତ୍ୟସାଇ ଛକରୁ ବାଘଡ଼ାରୋଡ୍ ରାସ୍ତାଟି ଗଡାଣିଆ। ଉଭୟ ପାର୍ଶ୍ୱରେ ଯାତ୍ରୀବାହୀ ବସ୍‌ଗୁଡ଼ିକ ଅଟକି ରହିବା ଦ୍ୱାରା ଅନେକ ଦୁର୍ଘଟଣା ଘଟିଥାଏ। ମଙ୍ଗଳବାର ଏକ ବସ୍ ପଛକୁ ଗଡ଼ିବାରୁ ଅନ୍ୟ ଦୁଇଟି ବସ୍ ସହିତ ଧକ୍କା ହୋଇଥିଲା। ଫଳରେ ଅଟକି ରହିଥିବା ବସ୍ ଗୁଡ଼ିକ ଭାଙ୍ଗି ଯାଇଥିଲା। ଏହି ସମୟରେ ହେଲପର ଜଣକ ବସ୍‌କୁ ଅଟକାଇବାକୁ ଯାଇ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ

ବୈଶିଙ୍ଗା,୨୫।୧୦(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ସାହାଡ଼ା ଗ୍ରାମର ପାଗୁଲୁ ସିଂଙ୍କ ପୁଅ ଡୁମା। ଦୀର୍ଘ ଦିନ ହେଲା ସେ ଗଡଦେଉଳିଆ ଗ୍ରାମସ୍ଥିତ ଶ୍ୱଶୁର ଘରେ ଘରଜ୍ୱାଇଁ ଭାବେ ରହିଆସୁଥିଲେ। ବୁଧବାର ସକାଳେ ନିତ୍ୟକର୍ମ ସାରିବାକୁ ଜଙ୍ଗଲ ଭିତରକୁ ଯାଇ ଆଉ ଫେରି ନ ଥିଲେ।

# 'ସଂସ୍କୃତିର ଅବକ୍ଷୟ ହେଲେ ସାଂସ୍କୃତିକ ଜୀବନ ଦୁର୍ବଳ ହୋଇପଡ଼େ'

## ଭଦ୍ରକ ପୂଜ୍ୟପୂଜା ସଂସଦର ବିଜୟା ମିଳନ

ଭଦ୍ରକ,୨୫।୧୦(ରବିନାରାୟଣ ଖିଲାର/ ସନାତନ ରାଉତ)



ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଯେଉଁଠି ସଂସ୍କୃତିର ଅବକ୍ଷୟ ଦେଖାଯାଏ, ସେଠାରେ ସାଂସ୍କୃତିକ ଜୀବନ ଦୁର୍ବଳ ହୋଇପଡ଼େ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଆୟୋଜିତ ୫୨ତମ ବିଜୟା ମିଳନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସାହିତ୍ୟରତ୍ନ ସ୍ୱର୍ଗତ ଅପୂର୍ବ ରଂଜନ ରାୟଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଚଳିତବର୍ଷ ମର୍ଯ୍ୟାଦାଜନକ 'ବିଜୟା ସମ୍ମାନ' ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଓ ବିଭାଗ ମୁଖ୍ୟ ପ୍ରଫେସର ଡ. ନଟବର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି କରୁଣାକର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ 'ବିନୋଦ ବିହାରୀ କଥା ସମ୍ମାନ' ରମାକାନ୍ତ ଜେନା, 'ନିଶାମଣି କବିତା ସମ୍ମାନ' ଡ. ସତ୍ୟପ୍ରିୟ ମହାଳିକ ଏବଂ 'ସରୋଜ କଳା ସମ୍ମାନ' ଚିତ୍ରଶିଳ୍ପୀ ରମେଶ ଗୁମାନ ସିଂଙ୍କୁ ପ୍ରଦାନ କରାଯାଇଥିଲା। ସୁଶ୍ରୀ ସ୍ୱାଗତିକା ଦାସ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ, ଅନୁଷ୍ଠାନର ସହସମ୍ପାଦକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ପ୍ରାକ ସୂଚନା ଓ ଶରତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ବିଜୟା ସମ୍ମାନ ସମ୍ବର୍ଦ୍ଧିତ ଡ. ଶତପଥୀଙ୍କ ଉପରେ ଆଲୋକପାତ କରିଥିଲେ। ଲିପିପୁଷ୍ପା ରାୟ, ଗୌତମ ମହାରଣା, ବିଜୟ କୁମାର ବହଳୀ ଓ ଦୀପ୍ତିମୟୀ ସାହୁ ପ୍ରମୁଖ ମାନପତ୍ର ପାଠ କରିଥିଲେ। କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକଙ୍କ ନିର୍ଦ୍ଦେଶନାରେ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସୁଧାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପର୍ବରେ ପ୍ରଫେସର ରାଜକିଶୋର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ କବି ପ୍ରସନ୍ନ କୁମାର ସ୍ୱାଇଁ ଓ ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ଦତ୍ତାତ୍ରେୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉର୍ଦ୍ଦୁ କବି ମୁସ୍ତାକ ଗହୱର, କବି ମାନସ ରଞ୍ଜନ ପଣ୍ଡା, କବୟିତ୍ରୀ ମନୋରମା ରାୟ ଓ କବୟିତ୍ରୀ ଗୀତାରାଣୀ ଆଇଚ ଓ କବି ବିପ୍ଳବ ପତି ପ୍ରମୁଖ କବିତା ସଂଯୋଜନା କରିଥିଲେ। କବି ଗୌରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୭୦ ଫୁଟ୍ ଉଚ୍ଚର ରାବଣ ପୋଡ଼ାଗଲା


ମଞ୍ଚରେ ରାବଣ ପୋଡ଼ି ମହୋତ୍ସବ କମିଟି କର୍ମକର୍ତ୍ତା।

ଯୋଡ଼ା,୨୫।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ରାବଣପୋଡ଼ି ମହୋତ୍ସବ ପାଳିତ ହୋଇଯାଇଛି। ମହୋତ୍ସବ କମିଟି ପକ୍ଷରୁ ଯୋଡ଼ା କେନ୍ଦ୍ରୀୟ ଖେଳପଡ଼ିଆରେ ପ୍ରାୟ ୭୦ ଫୁଟ୍ ଉଚ୍ଚର ରାବଣର ପ୍ରତିକୃତି ତିଆରି କରାଯାଇ ରାବଣ ପୋଡ଼ି କରାଯାଇଥିଲା। ଦୀର୍ଘ ୧୫ ବର୍ଷ ଧରି ଏହି ପରମ୍ପରା ଯୋଡ଼ାରେ ଚାଲି ଆସିଥିବା ବେଳେ ୩ ବର୍ଷ କରୋନା କଟକଣା ଯୋଗୁ ମହୋତ୍ସବ ବନ୍ଦ ରହିଥିଲା। ରାବଣ ପୋଡି ଓ ଆତସବାଜି ଦେଖିବା ପାଇଁ ହଜାର ସଂଖ୍ୟାର ଲୋକ ଯୋଡ଼ା କେନ୍ଦ୍ରୀୟ ଖେଳପଡ଼ିଆରେ ଏକତ୍ର ହୋଇଥିଲେ। ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିବା ବେଳେ ଟାଟାଷ୍ଟିଲ କମ୍ପାନୀ ଖଣ୍ଡବନ୍ଧ ମୁଖ୍ୟ ଅବନିସ କୁମାର, ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ରାବଣର ପ୍ରତିଛବିରେ ଅଗ୍ନି ସଂଯୋଗ କରିଥିଲେ। ପରେ ଆତସବାଜି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାବଣ ପୋଡ଼ି କମିଟି ସଭାପତି ସୁଶାନ୍ତ ବାରିକଙ୍କ ପରିଚାଳନାରେ ନିରଞ୍ଜନ ବହିଦାର, ଉପଦେଷ୍ଟା ପୁରୁଷୋତ୍ତମ ଦାସ, ହୃଷିକେଶ ଜେନା, ପାଣ୍ଡବ କାରୁଆଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଆନ୍ଦୋଳନ



ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କର୍ମକର୍ତ୍ତା।

କେନ୍ଦୁଝର,୨୫।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ରାଜ୍ୟ କେନ୍ଦ୍ର ସମବାୟ ବ୍ୟାଙ୍କର ମହାସଂଘର ଆହ୍ୱାନ କ୍ରମେ ପାଞ୍ଚ ଦଫା ଦାବି ନେଇ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ମୁତାବକ, ବହୁ ଆଲୋଚନା ଓ ଧର୍ମଘଟ ପରେ କେନ୍ଦ୍ର ସମବାୟ କର୍ମଚାରୀ ସପ୍ତମ ବେତନ କମିଶନ ପ୍ରକାରେ ୨୦୧୬ ରୁ ବେତନ ଦେବାକୁ ନିର୍ଦ୍ଦେଶନାମା ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ୨୦୧୪ ପରଠାରୁ ଯେଉଁମାନେ ବ୍ୟାଙ୍କରେ ଚାକିରି କରିଛନ୍ତି, ସେମାନେ ଅବସର ପରେ ଇପିଏଫ୍ ଓ ସ୍କିମ ଅଧୀନରେ ପେନ୍‌ସନ ପାଇବେ ନାହିଁ। ଏଥି ନିମନ୍ତେ ଏକ ପେନସନ ପାଣ୍ଠି ଗଠନ ପାଇଁ ଦାବି କରି ଆସୁଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ୧୯ ଶାଖା, ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଆନ୍ଦୋଳନରେ ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ବିଶ୍ୱଜିତ୍ ବିଶ୍ୱାଳ, ସମ୍ପାଦକ ବିକାଶ ସାହୁ, ଆଲୋକ ବଳ, କୀର୍ତ୍ତନ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଭାଜପା ପକ୍ଷରୁ ନୂତନ ଜିଲା ଯୁବମୋର୍ଚ୍ଚା କମିଟି ଘୋଷଣା

## ବସ୍ତାରୁ ରାଜେନ ପରିଡ଼ା ଉପସଭାପତି

ବସ୍ତା, ୨୫।୧୦(ହରିଶଙ୍କର ପାଢ଼ି)

ବାଲେଶ୍ୱର ଭାଜପା ତରଫରୁ ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପରାମର୍ଶ ଅନୁସାରେ ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ନୂତନ କମିଟି ଘୋଷଣା କରିଥିବାର ଜଣାଯାଇଛି। ଏହି କମିଟିରେ ୬ଜଣ ଉପସଭାପତି ଥିବା ବେଳେ ୨ ଜଣ ସାଧାରଣ ସମ୍ପାଦକ ତଥା ୬ଜଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ୨୧ଜଣ ସଂଯୋଜକ ଥିବା ଜଣାଯାଇଛି।



ତେବେ ବସ୍ତାରୁ ଯୁବନେତା ରାଜେନ ପରିଡ଼ା ଉପସଭାପତି ଭାବେ ଚୟନ ହୋଇଥିବାରୁ ବସ୍ତାବାସୀ ଜିଲାସଭାପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୂର୍ବରୁ ଜିଲା ଓ ମଣ୍ଡଳ ଭାଜପା ତଥା ଦଳର ବିଭିନ୍ନ ପଦବୀରେ ରହି ନିଜର ସାଙ୍ଗଠନିକ ଦକ୍ଷତାର ପରିଚୟ ଦେବା ସହିତ ଏବେର ଛାତ୍ର ଅବସ୍ଥାରୁ ଭାଜପାକୁ ଦଳର ସଙ୍ଗଠନକୁ ମଜଭୁତ କରିବା ପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ତାଙ୍କର ମୂଳମନ୍ତ୍ର ସର୍ବଦା ଜନସାଧାରଣଙ୍କ ହିତ ପାଇଁ ଲଢ଼େଇ ଜାରି ରଖିବେ।

# ରୂପସାରେ ବିଶାଳ ରାବଣପୋଡ଼ି


ରୂପସାରେ ପ୍ରସ୍ତୁତ ହୋଇ ରହିଥିବା ରାବଣ।

ରୂପସା, ୨୫।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ଆଙ୍କୋ ଶତାବ୍ଦୀ କ୍ଲବ ଆନୁକୂଲ୍ୟରେ ପଦ୍ମକିଶୋର ପୋଖରୀ ଆଡ଼ିରେ ଦଶହରା ପର୍ବରେ ବିଶାଳ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କ୍ଲବ ସଭାପତି ସନ୍ତୋଷ କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ ଯୋଗ ଦେଇ ଏହି ଉତ୍ସବ ଦ୍ୱାରା ଧର୍ମ, ନ୍ୟାୟ ଓ ସତ୍ୟର ଜୟ ହୋଇଥାଏ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ଜିଲା ପରିଷଦ ସଭ୍ୟ ସଞ୍ଜୟ ସେଠୀ, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା, ସାମାଜିକ କର୍ମୀ ମନୋରଞ୍ଜନ ପ୍ରଧାନ, ଜଗଦୀଶ ବେହେରା, ବଂଶୀଧର ପଣ୍ଡା ଓ ଦେବବ୍ରତ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବ ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଆତସବାଜି, ଜଳ ଓ ସ୍ଥଳ ବାଣ, ରଙ୍ଗବେରଙ୍ଗର ଆଲୋକମାଳା ସମସ୍ତ ଦର୍ଶକଙ୍କ ମନ ମୋହିଥିଲା। ବିଧାୟକ ଦାସ ରାବଣଙ୍କ ଶରୀରରେ ଅଗ୍ନି ସଂଯୋଗ କରିଥିଲେ। ଶେଷରେ ପୂର୍ବତନ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। କର୍ମକର୍ତ୍ତା ଶାରଦା ପ୍ରସନ୍ନ ପଟ୍ଟନାୟକ, ପ୍ରଦୀପ ବେହେରା ରତନ ପରିଡ଼ା, ଭଗବାନ ବେହେରା, ନଗେନ୍ଦ୍ର ବେହେରାଙ୍କ ସମେତ ସମସ୍ତ କ୍ଲବ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ। ଏସ୍‌ଡିପିଓ ମାନସ କୁମାର ଦେଓ ଓ ରୂପସା ଥାନାଧିକାରୀ ସଚ୍ଚିଦାନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ବ୍ୟାପକ ଜନସମାଗମ ହୋଇଥିଲା।

# ପୋଖରୀରୁ ନିଖୋଜ ବୃଦ୍ଧାଙ୍କ ମୃତଦେହ ଜବତ

ଘସିପୁରା,୨୫।୧୦(ନିରଞ୍ଜନ ସାହୁ): ଦୁଇ ଦିନ ଧରି ନିଖୋଜ ଥିବା ବୃଦ୍ଧା ଆନନ୍ଦପୁର ପୌରପାଳିକା ୧୪ ନଂ. ଓ୍ୱାର୍ଡ଼ର ସରସ୍ୱତୀ ସାହୁଙ୍କ ମୃତଦେହ ଗାଁ ପୋଖରୀରୁ ଜବତ ହୋଇଛି। ବୁଧବାର ସକାଳେ ନୁଆଗଡ଼ିଆରେ ଗୋଟିଏ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ଆସି ମୃତଦେହକୁ ଚିହ୍ନଟ କରିଥିଲେ। ଶୌଚ ହେବା ସମୟରେ ଗୋଡ଼ ଖସିଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଘସିପୁରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନକଲି ବିଦେଶୀ ମଦ କାରଖାନା ଠାବ

## କାରଖାନା ସିଜ, ଜଣେ ଗିରଫ

ପାଟଣା,୨୫।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତୁରୁମୁଙ୍ଗା ସାହିରେ ଏକ ନକଲି ବିଦେଶୀ ମଦ କାରଖାନାକୁ ଅବକାରୀ ପୋଲିସ ସୋମବାର ଠାବ କରିଛି। ନକଲି ବିଦେଶୀ ମଦ କାରଖାନା ଚଳାଉଥିବା ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟବସାୟୀ ଜଣକ ହେଉଛନ୍ତି ବ୍ଲକ୍ ଅନ୍ତର୍ଗତ ତୁରୁମୁଙ୍ଗାର ସୁଦର୍ଶନ ସାହୁ (୫୭)। ସମ୍ବଲପୁର ଏକ୍ସାଇଜ ଇଣ୍ଟେଲିଜେଣ୍ଟ ବ୍ୟୁରୋର ଆଇଆଇସି ଧନଞ୍ଜୟ ପାତ୍ରଙ୍କ ନେତୃତ୍ୱରେ ପାଟଣା ଅବକାରୀ ଅଧିକାରୀ ପ୍ରିୟମ୍ବଦା ଓଝା ଓ ସଦର ଅବକାରୀ ଅଧିକାରୀ ଗିରିଜା ନନ୍ଦନ ଜେନା ଓ ଏନ୍‌ଫୋର୍ସମେଣ୍ଟ ଟିମ୍ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୨ ଟି ସିଲିଙ୍ଗ ମେସିନ, ୩୪ ଲିଟର ନକଲି ବିଦେଶୀ ମଦ, ୧୮ ଲିଟର ବୋତଲ ଭର୍ତ୍ତି ମଦ, ୫୭୦ ଲିଟର ସ୍ପିରିଟ, ନକଲି ୩୪ ଲିଟର ମଦ ବୋତଲ, ୨୧୨ ଖାଲି ବୋତଲ, ୩୪୭୧ ବୋତଲ ଠିପି ସମେତ ଲକ୍ଷାଧିକ ଟଙ୍କାର ନକଲି ବିଦେଶୀ ମଦ ପ୍ରସ୍ତୁତି ସରଞ୍ଜାମ ଜବତ କରିଛି। କାରଖାନାକୁ ଅବକାରୀ ପୋଲିସ ସିଜ୍ କରିଛି। ଏନେଇ ଏକ ମାମଲା(ନଂ.୭୪୮/୨୩)ରେ ରୁଜୁ ହୋଇ ତଦନ୍ତ ଚାଲିଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ମଇଁଷାପଟାରେ ବଳିପଡ଼ିଲେ ୧୯ ବୋଦା


ମହାନବମୀ ଅବସରରେ ସୋର ବିଧାୟକ ପର୍ଶୁରାମ ଧଡା ଓ ତାଙ୍କ ସମର୍ଥକମାନେ ମଣ୍ଡପ ବୁଲି ଦେଖୁଛନ୍ତି।

ବାହାନଗା, ୨୫।୧୦(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ମଇଁଷାପଟା ପୂଜା ମଣ୍ଡପରେ ମା'ଙ୍କ ମହାନବମୀ ପୂଜାରେ ୧୯ଟି ବୋଦା ବଳି ପଡିଥିଲା। ଏହି ବଳି ଦେଖିବା ପାଇଁ ପୂଜାମଣ୍ଡପରେ ହଜାର ହଜାର ଶ୍ରଦ୍ଧାଳୁ ରୁଣ୍ଡ ହୋଇଥିଲେ। ମାନସିକଧାରୀମାନେ ମା'ଙ୍କ ଉଦ୍ଦେଶ୍ୟରେ ମାନସିକ କରିଥିବା ବୋଦାକୁ ବଳିପକାଇବା ପାଇଁ ଆଣିଥିଲେ। ପାଗ ଅନୁକୂଳ ଥିବାରୁ ପୂଜା ମଣ୍ଡପରେ ଶ୍ରଦ୍ଧାଳୁ ମାନଙ୍କର ଭିଡି ଲାଗିରହିଥିଲା। ମଙ୍ଗଳବାର ମା'ଙ୍କ ଦଶହରା ପୂଜା ସରିବା ପରେ ମା'ଙ୍କ ଠାରେ ମହିଳାମାନଙ୍କ ଦ୍ୱାରା ସିନ୍ଦୂର ଖେଳ ହେବା ସହତ ପଣା ପିଠା ଦେଇ ମା'ଙ୍କୁ ମେଲାଣି ଦିଆଯାଇଥିଲା। ସମସ୍ତ ପୂଜା ମଣ୍ଡପରେ ଦଶହରା ଦିନ ମେଲାଣି ଦିଆସରିବା ପରେ ପୋଖରୀ ଓ ନଦୀରେ ବିର୍ସଜନ ଦିଆଯାଇଛି। ଏହି ଉପଲକ୍ଷେ ବାହାନଗାରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ରାମାୟଣର ରାମ ସୀତା ବନବାସ ଯିବା ଓ ରାବଣ ସୀତାଙ୍କୁ କିପରି ହରଣ କରିନେଇଥିଲା ପରେ କିପରି ରାମ ରାବଣ ଯୁଦ୍ଧ ହୋଇଥିଲା, ତାହା କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯିବା ପରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବିଧାୟକ ଇଂ ସୁକାନ୍ତ ନାୟକ , ଧାମନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ୧୮ ନମ୍ବର ଜୋନର ଜିଲାପରିଷଦ ସଭ୍ୟ ନିଳାମ୍ବର ମହାଳିକ, ଶରତ ଚନ୍ଦ୍ର ରାଜ, ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦଶ୍ୟ ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଚିତ୍ତାକର୍ଷକ ବାଣଫୁଟା ଯାଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ୨୦ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ । ଅନ୍ୟପକ୍ଷରେ ନବମୀ ଦିନ ବିଭିନ୍ନ ପୂଜାମଣ୍ଡପ ବୁଲିଥିଲେ ସୋର ବିଧାୟକ ପଶୁରାମ ଧଡା। ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପାଧ୍ୟକ୍ଷ ବାସନ୍ତୀ ପତି , ଅଶ୍ୱନୀ ପତି, କମଳ ଲୋଚନ ପଣ୍ଡା, ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ଯୋଗେଶ ଚନ୍ଦ୍ର ପତି, ସୁମନ୍ତ ନାୟକ, ପ୍ରଭାକର ମିଶ୍ର, ଶୁଭଶ୍ରୀ ଦାଶ, ଖରାସାହାପୁର ସରପଞ୍ଚ କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ଦେଢଶହ ନେତୃବୃନ୍ଦଙ୍କୁ ଧରି ବ୍ଲକର ୧୮ରୁ ଅଧିକ ମଣ୍ଡପ ବୁଲିଥିଲେ।

# ମା' ଦୁର୍ଗାଙ୍କୁ ମେଲାଣି


ମା'ଙ୍କୁ ପଟୁଆରରେ ନିଆଯାଉଛି।

ଢେଙ୍କିକୋଟ,୨୫।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ମା' ଦୁର୍ଗତୀ ନାଶିନୀ ଦୁର୍ଗାଙ୍କୁ ମେଲାଣି ଦିଆଯାଇଛି। ଗ୍ରାମର ମାଆ ଭଉଣୀ ଦୁଃଖର ସହ ବନ୍ଦାପନା କରି ମା'ଙ୍କୁ ମେଲାଣି ଦେଇଛନ୍ତି। ଏଥିପାଇଁ ଖୋଲ କୀର୍ତ୍ତନ, ଘଣ୍ଟ ଘଣ୍ଟିଆଳ, ଶଙ୍ଖ ହୁଳହୁଳିରେ ବଜାର ସାହି ବସ୍ତି ପ୍ରକମ୍ପିତ ହୋଇଥିଲା। ସାରଦୀୟ ଦୁର୍ଗାପୂଜା ଦେବୀ ମଣ୍ଡପର ଉପଦେଷ୍ଟା ତଥା ପୁରଧା ବୈଲୋଚନ ବେହେରା, ଉତ୍ତମ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଯୁବ ବନ୍ଧୁ ଭସାଣି ଉତ୍ସବରେ ଘଣ୍ଟ ଘଣ୍ଟିଆଳର ତାଳେ ତାଳେ ନୃତ୍ୟ କରି ମାଆଙ୍କୁ ମେଲାଣି ଦେଇଛନ୍ତି। ବଜାର ସାହି ବସ୍ତି ପରିକ୍ରମା ପରେ ପୁଣ୍ୟତୋୟା ସୀତା ନଦୀରେ ନେଇ ବିସର୍ଜନ ଦିଆଯାଇଥିଲା।

## ୩ ଲୁଟେରା ଗିରଫ

ବାଲେଶ୍ୱର, (ମାନସ ବିଶ୍ୱାଳ)-ବାଲେଶ୍ୱରର ସହର ଓ ଆଖପାଖ ଅଞ୍ଚଳରେ ଲୁଟ୍‌ତରାଜ ଚଳାଇଥିବା ୩ ଲୁଟେରାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନାମରେ ସଦର ଥାନାରେ ୩, ସହଦେବଖୁଣ୍ଟା ଥାନାରେ ୬, ଶିଳ୍ପାଞ୍ଚଳ ଥାନାରେ ଗୋଟିଏ ଟାଉନ ଥାନାରେ ୫ ମୋଟ୍ ୧୫ଟି ମାମଲା ରହିଛି। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ସେମାନଙ୍କ ନିକଟରୁ ୭ଟି ସୁନା ଚେନ୍, ୨ଟି ଭାଙ୍ଗି ଯାଇଥିବା ସୁନା ଚେନ୍ ଓ ଗୋଟିଏ ମୋଟର ସାଇକେଲ ଜବତ କରିଛି। ଏନେଇ ଶିଳ୍ପାଞ୍ଚଳ ଥାନା ପକ୍ଷରୁ ମାମଲା (ନଂ. ୧୯୭/୨୦୨୩) ରୁଜୁ କରାଯାଇଛି।

## ସଂକ୍ଷେପରେ

### ୧୫୦ ୟୁନିଟ ରକ୍ତ ସଂଗ୍ରହ

ଚାନ୍ଦବାଲି,୨୫।୧୦(କିଷାନ ପାତ୍ର)– ଚାନ୍ଦବାଲି ବ୍ଲକ ଧାମରା ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦେବାଂଶୀ ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଦେବାଶିଷ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ବିଧାନସଭା ନେତା ଅମୀୟ ମହାପାତ୍ର ଓ ଦିଗମ୍ବର ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପିସିସି ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ରାଜ୍ୟ ଛାତ୍ର କଂଗ୍ରେସର ଉପସଭାପତି ଆଶିଷ କୁମାର ମାହୁନ୍ତ ପ୍ରମୁଖ ଯୋଗ ଦେଇ ରକ୍ତ ବିନା କାହାରିକୁ ମରିବାକୁ ଦିଆଯିବନାହିଁ ଏହି ମର୍ମରେ ଫାଉଣ୍ଡେସନ ପକ୍ଷରୁ କରାଯାଇଥିବା ପ୍ରୟାସକୁ ସ୍ୱାଗତଯୋଗ୍ୟ ବୋଲି ପ୍ରକାଶ କରିଥିଲେ। ଶିବିରରେ ମୋଟ ୧୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଫାଉଣ୍ଡେସନ ପକ୍ଷରୁ ବୃକ୍ଷ ରୋପଣ ପାଇଁ ଚାରା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ବୈଲୋଚନ ପଣ୍ଡା, ସୀତାଂଶୁ ନାୟକ, ସତ୍ୟସୁନ୍ଦର ରାଉତ, ଗଦାଧର ନାୟକ, ମନୋଜ ମାଝୀ, ସୁବାଷ ମହାଳିକ, ନରେନ୍ଦ୍ର ନାୟକ, ଜ୍ଞାନରଞ୍ଜନ ବାରିକ, ଶରତ ଧଳଙ୍କ ସମେତ ଯୁବନେତାମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଚିକିତ୍ସାଧୀନ ଗୁରୁତର ଛୁଆହାତୀର ମୃତ୍ୟୁ



କେନ୍ଦୁଝର,୨୫।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ) କେନ୍ଦୁଝର ବନଖଣ୍ଡ ଅଧୀନସ୍ଥ ଭୂୟାଁ ଜୁଆଙ୍ଗ ପିଢ଼ ବନାଞ୍ଚଳ ଅଧୀନ ନୟାକୋଟ ବିଟ ଭେଜିଡ଼ିହି ଗ୍ରାମରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଛୁଆହାତୀର ସୋମବାର ମୃତ୍ୟୁ ଘଟିଛି। ରବିବାର ହାତୀପଲ ବନଖଣ୍ଡରେ ବୁଲୁଥିବା ବେଳେ ଛୁଆହାତୀଟି ଗନ୍ଧିଆଗୁଡ଼ା ଜଙ୍ଗଲରେ ଜଳ ସଂରକ୍ଷଣ ପାଇଁ ଖୋଳା ଯାଇଥିବା ଗାତରେ ପଡ଼ି ଆହତ ହୋଇଥିଲା। ବନ ବିଭାଗ ଉଦ୍ଧାର କରି ଡ଼ାକ୍ତରୀ ଦଳ ଦ୍ୱାରା ଚିକିତ୍ସା କରାଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଏସିଏଫ ଅଶୋକ ଦାସ କହିଛନ୍ତି।

### ବନ୍ଧୁକ, ଭୁଜାଲି ଦେଖାଇ ନଗଦ ୩ ଲକ୍ଷରୁ ଊର୍ଦ୍ଧ୍ୱ, ସୁନାଗହଣା ଲୁଟ୍

ଔପଦା, ୨୫।୧୦(ଧରିତ୍ରୀ ପଣ୍ଡା)– ବାଲେଶ୍ୱର ଜିଲା ଔପଦା ଥାନା ବଡ଼ପୋଖରୀ ପଞ୍ଚାୟତ ଆମ୍ବଗଡ଼ିଆ ଗ୍ରାମରୁ ବିଳମ୍ବିତ ରାତ୍ରରୁ ଚୋର ମାନେ ଘରେ ପଶି ବନ୍ଧୁକ ଓ ଭୁଜାଲି ଦେଖାଇ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ୩ଲକ୍ଷ ୭୦ହଜାର ଟଙ୍କା ଲୁଟି ନେଇଛନ୍ତି। ଔପଦା ପୋଲିସ ଆମ୍ବଗଡ଼ିଆ ଗ୍ରାମରେ ପହଞ୍ଚି ତଦନ୍ତ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ସହିତ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରି ଫେରିଯାଇଛି। ଗ୍ରାମର ଉମାକାନ୍ତ ମଲିକ ଗତ ୨୨ତାରିଖ ରାତିରେ ଖାଇ ସାରି ଘରେ ଶୋଇଥିବା ବେଳେ ଚୋରମାନେ ମୁଖ୍ୟ ଗେଟ ସହ ଘରେ ଲାଗିଥିବା ଦୁଇଟି ଗେଟକୁ ଭାଙ୍ଗି ଘର ଭିତରକୁ ପଶିଯାଇଥିଲେ। ମୁଖା ପିନ୍ଧିଥିବା ଚୋରମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇ ଆଲମିରା ଚାବି ମାଗିଥିଲେ। ଭୟରେ ଉମାକାନ୍ତଙ୍କ ସ୍ତ୍ରୀ ଆରତୀ ଚାବି ଦେବାରୁ ଚୋରମାନେ ଉମାକାନ୍ତଙ୍କ ସହ ୪ ଜଣ ପରିବାର ସଦସ୍ୟଙ୍କୁ ଗୋଟିଏ ଘରେ ପୂରାଇ ଦେଇ କବାଟ ବନ୍ଦ କରିଦେଇଥିଲେ। ଚୋରମାନେ ଚୋରି କରି ପଳାଇଥିବା ବେଳେ ଗୋଟିଏ ଘରେ ନଜରବନ୍ଦୀ ଥିବା ପରିବାର ଲୋକେ ରାତି ପାହିବା ପରେ ବାହାରକୁ ନ ବାହାରିବାରୁ ପଡୋଶୀ କବାଟ ଖୋଲିବାରୁ ସେମାନେ ଘରୁ ବାହାରିଥିଲେ। ଚୋରି ସମ୍ପର୍କରେ ଆରତୀ ଥାନାରେ ଅଭିଯୋଗ କରିଛନ୍ତି। ଉମାକାନ୍ତ ଏକ ଟ୍ରାକ୍ଟର କିଣିବା ପାଇଁ ବଡ଼ପୋଖରୀ ସେବା ସମବାୟ ସମିତିରୁ ପର୍ଯ୍ୟାୟକ୍ରମେ ୩ ଦିନରେ ୩ଲକ୍ଷ ଟଙ୍କା ନିଜ ଜମା ଖାତାରୁ ଉଠାଇ ଥିବା ବେଳେ ଏହି ଟଙ୍କା ସହ ଉଧାର ଆଣିଥିବା ୭୦ହଜାର ଟଙ୍କା ଆଲମିରାରେ ରଖିଥିଲେ।

# ବାକି ଟଙ୍କା ମାଗିବାରୁ ଯୁବକଙ୍କୁ ହତ୍ୟା ଉଦ୍ୟମ

**କିଆବୁଦା ମୂଳରୁ ଅଚେତ ଅବସ୍ଥାରେ ଉଦ୍ଧାର**

ରୂପସା, ୨୫।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ସନ୍ତୋଷପୁର ପଞ୍ଚାୟତ ଅଧୀନ ଧିତପୁରା ହାଇସ୍କୁଲ ନିକଟ ଏକ କିଆବୁଦାରୁ ବୁଧବାର ଜଣେ ଯୁବକଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ଆହତ ଯୁବକ ହେଲେ ଭେଲୋରା ପଞ୍ଚାୟତ ଚଣ୍ଡିପୁର ଗ୍ରାମର ଗୋପାଳ ମୁଖି (୪୨)। ଗୋପାଳ ନିଜ ଟ୍ରାକ୍ଟରରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବାଲି ଯୋଗାଇ ଦେବା ସହ ଚାଷ କାର୍ଯ୍ୟ ସମୟରେ ହଳ କରିଥାନ୍ତି। ଧିତପୁରା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ନିର୍ମାଣ ଲାଗି ବାଲି ଯୋଗାଇ ଦେବା ସହ ବିଲରେ ହଳ ମଧ୍ୟ କରିଥିଲେ। ମଙ୍ଗଳବାର ରାତିରେ ସେ ବକେୟା ଟଙ୍କା ଆଣିବା ଲାଗି ସେଠାକୁ ଯାଇଥିଲେ। ମାତ୍ର ବାକି ଟଙ୍କା ଦେବା ପରିବର୍ତ୍ତେ ସେଠାରେ ଗୋପାଳଙ୍କୁ ଦଉଡ଼ିରେ ବାନ୍ଧି ବାଙ୍ଗରା ମାରାଣ୍ଡି, ଗୁରୁବାରୀ ମାରାଣ୍ଡି ଓ ୪/୫ ଜଣ ସହଯୋଗୀ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବାଉଁଶ ଠେଙ୍ଗାରେ ତାଙ୍କର ଦୁଇ ଗୋଡ଼କୁ ଧୁମ ପିଟିବା ସହ ହତ୍ୟା ଉଦ୍ୟମ କରିଥିଲେ। ଆକ୍ରମଣରେ ଗୋପାଳଙ୍କ ଦୁଇ ଗୋଡ଼ରୁ ଭୀଷଣ ରକ୍ତସ୍ରାବ ହୋଇଥିଲା। ଆକ୍ରମଣକାରୀମାନେ ଅଚେତ ଅବସ୍ଥାରେ ଥିବା ଗୋପାଳଙ୍କ ମୃତ୍ୟୁ ହୋଇଥିବା ଭାବି କିଆ ବୁଦାମୂଳରେ ଫିଙ୍ଗି ଦେଇଥିଲେ। ବୁଧବାର ସ୍ଥାନୀୟ ଲୋକେ ଏହାଦେଖି ତାଙ୍କ ପରିବାର ଓ ବସ୍ତା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବସ୍ତା ପୋଲିସ ପହଞ୍ଚି ଗୋପାଳଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ବସ୍ତା ହସ୍ପିଟାଲକୁ ପଠାଇଥିବା ବେଳେ ସେହି ସ୍ଥାନରୁ ଏକ ଧାରୁଆ ଛୁରୀକୁ ପୋଲିସ ଜବତ କରିଛି। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କ ବଦଳି ବାତିଲ ଦାବିରେ ଧାରଣା




ଧାରଣାରେ ସଭାପତି, ସମ୍ପାଦକ।

ତିହିଡ଼ି,୨୫।୧୦(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ିସ୍ଥିତ ବାଲେଶ୍ୱର– ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସାମ୍ନାରେ ବୁଧବାର ବିଭିନ୍ନ ସମବାୟ ସମିତି ସଭାପତି ଓ ସମ୍ପାଦକମାନେ ପ୍ରତୀକ ଧାରଣା ଦେଇଛନ୍ତି। ସମବାୟ ବ୍ୟାଙ୍କ ତିହିଡ଼ି ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣଙ୍କ ବଦଳି ବାତିଲ ଦାବିରେ ଏହି ଧାରଣା ଦିଆଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବାଲେଶ୍ୱର– ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିଙ୍କ ସମେତ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବାସୁଦେବପୁର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ବଦଳି ବାତିଲ ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ଏହା କରାନଗଲେ ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତୀକ ଧାରଣା ଦେବା ସହ ନୂତନ ଶାଖା ପରିଚାଳକଙ୍କୁ କାର୍ଯ୍ୟରେ ଯୋଗଦାନ କରିବାକୁ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସଭାପତି ଓ ସମ୍ପାଦକ ମାନେ ଦର୍ଶାଇଛନ୍ତି, ବ୍ୟାଙ୍କ ଶାଖା ପରିଚାଳକ ପୁହାଣଙ୍କ ସମୟରେ ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ବ୍ୟାଙ୍କରେ ଯଥେଷ୍ଟ ଅଗ୍ରଗତି ଘଟିଛି। ସମିତିରେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିଛି। ଚଳିତ ଆର୍ଥିକ ବର୍ଷରେ ଶାଖା ପରିଚାଳକଙ୍କ ବଦଳି ହେଲେ ଉଭୟ ବ୍ୟାଙ୍କ ଏବଂ ସମିତି ଗୁଡ଼ିକ କ୍ଷତିଗ୍ରସ୍ତ ହେବ। ବଦଳି ବାତିଲ ଦାବିରେ ସମିତି ସଭାପତି ବିଜୟ ମହାପାତ୍ର, ନିତ୍ୟାନନ୍ଦ ବେହେରା, ଭାସ୍କର ଚନ୍ଦ୍ର ନାୟକ, ସୀମାରାଣୀ ବାରିକ, ଭାଗିରଥି ମଲିକ, ସତ୍ୟବ୍ରତ ନାୟକ, ସମ୍ପାଦକ ମନୋରଞ୍ଜନ ବଳ, ସଞ୍ଜୟ ନାୟକ, କାଳନ୍ଦୀ ଚରଣ ଦାସ, କୃପାସିନ୍ଧୁ ଦାସ, ବିଶ୍ୱନାଥ ଖୁଣ୍ଟିଆ, ଶଙ୍କର୍ଷଣ ଜେନା, ପ୍ରଭାତ ବେହେରା, ଅମରେନ୍ଦ୍ର ନାୟକ, ରାଜେନ୍ଦ୍ର ବେହେରା, ଗୋପୀନାଥ ଭୂୟାଁ ପ୍ରମୁଖ ଧାରଣାରେ ବସିଛନ୍ତି।

# ଆଉଟଡୋର ଟିକେଟରେ ଔଷଧ, ନିଦାନ ଲେଖି ଏମ୍ଆର୍ ଗିରଫ

ବାଲେଶ୍ୱର, ୨୫।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜରୁ ଜଣେ ଏମ୍ଆର୍ (ମେଡ଼ିସିନ୍ ରିପ୍ରେଜେଣ୍ଟେଟିଭ୍) ଆଉଟ୍‌ଡୋରରେ ହୋଇଥିବା ଟିକେଟ୍‌ରେ ନିଜେ ମେଡ଼ିଶିନ ଏବଂ ବିଭିନ୍ନ ନିଦାନ (ଟେଷ୍ଟ) ନେଇ ଲେଖୁଥିବା ବେଳେ ମେଡ଼ିକାଲରେ ଥିବା ସିକ୍ୟୁରିଟି ଏବଂ ଟିକେଟ କାଉଣ୍ଟର କର୍ମଚାରୀମାନେ ଦେଖି ଅଟକ ରଖିଥିଲେ। ସେ ୪ଜଣ ରୋଗୀଙ୍କ ଆଉଟଡୋର ଟିକେଟରେ ନିଜେ ଔଷଧ ଲେଖି ଭ୍ରମିତ କରୁଥିବା ବେଳେ ତାଙ୍କ ହାତଲେଖା ପ୍ରେସ କ୍ରିପସନ ଜବତ ହୋଇଛି। ଏନେଇ ମେଡ଼ିକାଲରେ ଥିବା ଫାଣ୍ଡିକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଥାନାକୁ ନେଇଥିଲା।



ଗିରଫ ଏମ୍ଆର୍।

ସେଠାରେ ତାଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ବାରୁଣୀ ଦାସ ସୂଚନା ଦେଇଛନ୍ତି। ଟାଉନ୍ ଥାନା ଅଧିକାରୀ ବାରୁଣୀ ଦାସ କହନ୍ତି, ଜଳେଶ୍ୱର ଥାନା ବାହାର୍ଦ୍ଦା ଅଞ୍ଚଳର ଉକ୍ତ ଏମ୍ଆର୍ ତାଙ୍କ ପରିବାରକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଆଉଟଡ଼ୋର ଟିକେଟ ପରେ ଡାକ୍ତରଙ୍କୁ ଦେଖାଇବା ପାଇଁ ଭିଡ ଥିବା ଦେଖି ନିଜେ ଏମ୍ଆର୍ ହୋଇଥିବାରୁ ତାଙ୍କ ବାପା, ବଉ, ଭାଇ ଓ ଡ୍ରାଇଭରଙ୍କ ଆଉଟଡ଼ୋର ଟିକଟରେ ଆବଶ୍ୟକୀୟ ଔଷଧ ଏବଂ ନିଦାନ ପାଇଁ ଲେଖୁଥିଲେ। ସିକ୍ୟୁରିଟି ଓ ଟିକେଟ କାଉଣ୍ଟର କର୍ମଚାରୀମାନେ ଦେଖି ତାଙ୍କୁ ଅଟକ ରଖି ପୋଲିସରେ ଜିମା ଦେଇଛନ୍ତି।

# ‘ଆଦିବାସୀଙ୍କ ପ୍ରତି ସରକାରଙ୍କ ମାନବିକତା ନାହିଁ’

**୧୧ ଜୁଆଙ୍ଗ ମୃତ୍ୟୁ ଘଟଣା**

**ଜନ୍ତାରିରେ ରାଜ୍ୟ କଂଗ୍ରେସ ଟିମ୍**

କେନ୍ଦୁଝର,୨୫।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)



କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍‌ର ଗୋନାସିକା ପଞ୍ଚାୟତର ଜନ୍ତାରି ଗ୍ରାମରେ ୧୧ ଜୁଆଙ୍ଗ ଆଦିବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଗ୍ରାମରେ ଏବେ ବି ଅନେକ ରୋଗାଗ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଘଟଣା ସାରା ରାଜ୍ୟରେ ଚର୍ଚ୍ଚାରେ ରହିଥିବା ବେଳେ ଘଟଣାର ତଥ୍ୟ ଅନୁସନ୍ଧାନ କରିବା ପାଇଁ ରାଜ୍ୟ କଂଗ୍ରେସ ପକ୍ଷରୁ ଏକ ଦଳ ବୁଧବାର ଜନ୍ତାରି ଗ୍ରସ୍ତ କରିଥିଲା। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ସଦସ୍ୟମାନେ ୧୧ ଜଣ ଜୁଆଙ୍ଗ ଆଦିବାସୀଙ୍କ ମୃତ ପରିବାରକୁ ଭେଟିଥିଲେ। ପଟ୍ଟନାୟକ ଅତ୍ୟନ୍ତ ଉଦ୍‌ବେଗ ପ୍ରକାଶ କରି ଏଠାରେ ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ଓ ଗଭୀର। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀ ଏବଂ ଜୁଆଙ୍ଗ ଲୋକଙ୍କ ପ୍ରତି ସାମାନ୍ୟ ନୈତିକତା କିମ୍ବା ମାନବିକତା ନାହିଁ। ସରକାର ଏ ଦିଗରେ ଯଥେଷ୍ଟ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। ଟିମ୍ କେନ୍ଦୁଝର ଜିଲ୍ଲାପାଳଙ୍କୁ ଭେଟି ଗ୍ରାମର ସମସ୍ୟା, ଲୋକଙ୍କ ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। କମିଟିରେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସାଧାରଣ ସମ୍ପାଦକ ପଦ୍ମାକର ଗୁରୁ, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପିସିସି ସମ୍ପାଦକ ଅଜିତ ଜେନା, ସଭ୍ୟ ଭୁବନ ବିହାରୀ ସାହୁ, ଜିଲ୍ଲା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଓ ଅନ୍ୟମାନେ। କଂଗ୍ରେସ ସଭାପତି ମୋହନ ପରିଡ଼ା, ରାଜ୍ୟ ମହିଳା କଂଗ୍ରେସ ଉପ ସଭାନେତ୍ରୀ ସଙ୍ଗୀତା ସିଂହ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ରାଜ୍ୟ କଂଗ୍ରେସ ସାମାଜିକ ଗଣମାଧ୍ୟମ ଉପ ସଭାପତି ବିନୋଦ ବିହାରୀ ନାୟକ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରବୀଣା ଦଣ୍ଡପାଟ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ତେଲକୋଇ ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର, କଂଗ୍ରେସ ନେତା ଦିଲ୍ଲୀପ ସାହୁ, ଗୌରହରୀ ନାୟକ, ସୁଢ଼ଳ ସେଠୀ, ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପୀଡ଼ିତ ପରିବାରଙ୍କୁ ଭେଟିଲେ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷା

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଗୋନାସିକା ପଞ୍ଚାୟତର ଜନ୍ତାରୀ ଗ୍ରାମରେ ପୀଡ଼ିତ ଜୁଆଙ୍ଗ ପରିବାରମାନଙ୍କୁ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାୟକ ଭେଟିଛନ୍ତି। ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝି ଆଶୁ ସମାଧାନ ପାଇଁ ଜିଲା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମା'ବାପା ଛେଉଣ୍ଡ ୪ ଶିଶୁକନ୍ୟାଙ୍କୁ କମ୍ବଳ, ଡ୍ରେସ, ଚାଉଳ, ଶୁଖିଲା ଖାଦ୍ୟ ଓ କିଛି ଟଙ୍କା ଦେବା ସହିତ ସେମାନଙ୍କ ପାଠପଢ଼ା ଓ ଥଇଥାନ ପାଇଁ ବ୍ୟକ୍ତିଗତ ଭାବେ ଚେଷ୍ଟା କରିବେ ବୋଲି କହିଲେ। ପୂର୍ବତନ ସରପଞ୍ଚ ଚିନ୍ତାମଣି ମହାନ୍ତ, କୁମୁଦିନୀ ବେହେରା, ପ୍ରମିଳା ନାଏକ ସମେତ ଅନ୍ୟମାନେ ମଧ୍ୟ ସହାୟତା କରିଥିଲେ।

# ପାଦ ଚିହ୍ନଟ କଲା ବନ ବିଭାଗ



ବନ କର୍ମଚାରୀମାନେ ମହାବଳ ପାଦ ଚିହ୍ନ ଯାଞ୍ଚ କରୁଛନ୍ତି।

**ସରଗଡ଼ା ବନାଞ୍ଚଳରେ ମହାବଳ**

ବିଶୋଇ,୨୫।୧୦(ଅମିତ ଦାସ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବାଘ ଗଣନା ଚାଲିଥିବା ବେଳେ ବୁଧବାର ରାଇରଙ୍ଗପୁର ବନଖଣ୍ଡ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସରଗଡ଼ା ବନ୍ୟପ୍ରାଣୀ ବିଭାଗ ଟିମ୍ ଦ୍ୱାରା ସରଗଡ଼ା ବିଟ୍–୧ର ସରାଳି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏକ ମହାବଳ ବାଘର ପାଦ ଚିହ୍ନଟ କରାଯାଇଛି। ରାଇରଙ୍ଗପୁର ବନଖଣ୍ଡର ଭାରପ୍ରାପ୍ତ ଅଧିକାରୀ ସାଇ କିରଣ ଡି.ଏନଙ୍କ ନିର୍ଦ୍ଦେଶକ୍ରମେ ତଥା ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କ୍ଷୀରଦ ଚନ୍ଦ୍ର ସିଂଙ୍କ ତତ୍ତ୍ୱାବଧାନରେ ସରଗଡା ବନପାଳ ଜୀବନ ବଲ୍ଲଭ ପାତ୍ରଙ୍କ ସମେତ ପାରାଷ୍ଟାଫ ଜିତୁ ମାଝୀ, ବୁଲୁ ମୁଣ୍ଡା, ଗୁରୁଚରଣ ବିନ୍ଧାଣି, ମଙ୍ଗଲୁ ମୁଣ୍ଡା ପ୍ରମୁଖ ଟିମ ଗତ ୧୮ ତାରିଖରୁ ବାଘ ଗଣନା ସର୍ଭେରେ ନିୟୋଜିତ ଅଛନ୍ତି। ଟ୍ରାନଜେକ୍ଟ ଲାଇନର ୧୬୦୦ ମିଟର ମଧ୍ୟରେ ଏକ ମହାବଳ ବାଘର ପାଦ ଚିହ୍ନଟ କରିଛନ୍ତି ସରଗଡା ବନ ବିଭାଗ ଟିମ୍। ଉକ୍ତ ପାଦର ଲମ୍ବ ୧୮ ସେ.ମି. ଥିବା ବେଳେ ଓସାର ୧୩ ସେ.ମି. ବୋଲି ବନବିଭାଗ ସୂଚନା ଦେଇଛି। ଏହି ପାଦ ଚିହ୍ନ ସମ୍ପର୍କିତ ତଦନ୍ତ ରିପୋର୍ଟ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ପଠାଯାଇଛି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସରଗଡ଼ା ବନାଞ୍ଚଳରେ ବାଘ ଗଣନା ଚାଲିବ ବୋଲି ବନପାଳ ପାତ୍ର ସୂଚନା ଦେଇଛନ୍ତି।

# ଦେଶୁଆ କରମ ପର୍ବ

ମୋରଡା,୨୫।୧୦(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡାର ପୁରୁଣାପାଣିଠାରେ ଦଶହରା ଉପଲକ୍ଷେ ଦେଶୁଆ କରମ ପର୍ବ ପାଳିତ ହୋଇଯାଇଛି। କୁଡୁମୀ ସମାଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଇଛି। ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ପର୍ବର ପ୍ରଥମ ଦିନ କୁମାରୀମାନେ ସ୍ଥାନୀୟ ଜମ୍ବୀରା ନଦୀରୁ ବାଲି ଉଠାଇବା ପରେ ଦ୍ୱିତୀୟ ଦିନ ସନ୍ଦେଶ ପାଳନ କରାଯାଇଥିଲା। ଏହି ଦିନ ଚିତ୍ରଡା ଜଙ୍ଗଲରୁ କରମ ଡାଳ ଆଣିଥିଲେ। ତୃତୀୟ ଦିନ କରମ ପୂଜା ସରିବା ପରେ ରାତି ତମାମ ଧୁମଧାମରେ ବାଦ୍ୟର ତାଳେ ତାଳେ ନୃତ୍ୟ ପରିବେଷଣ କରାଯାଇଥିଲା। ମୋରଡା ବ୍ଲକର ଚିତ୍ରଡା, କାକୁଡିହା, ତଳସାହି,ହଳଦୀପାଳ, ଭୋଳାଗଡିଆ, ବନ୍ଧସାହି, ଡୁମୁରଡିହା, ଶ୍ୟାମାଖୁଣ୍ଟା ବ୍ଲକର ଧନପୁର, କୁଳିଅଣା ବ୍ଲକ, ରାସଗୋବିନ୍ଦପୁର ବ୍ଲକର ଶତାଧିକ କୁଡୁମୀ କଳାକାରମାନେ ଆସି ମନୋରଞ୍ଜନ କରିଥିଲେ। ଉକ୍ତ ପର୍ବର ମୁଖ୍ୟ ଆୟୋଜକ ଥିଲେ ଅଶେଷ କୁମାର ମହାନ୍ତ, ଅଭିଷେକ ମହାନ୍ତ। ରଘୁନାଥ ମହାନ୍ତ, ଯଦୁନାଥ ମହାନ୍ତ, ଅଞ୍ଜଳି ମହାନ୍ତ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

# କାନ୍ଥ ପଡ଼ି ମହିଳା ମୃତ

ଡେଙ୍କିକୋଟ,୨୫।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍କିକୋଟ୍ ପଞ୍ଚାୟତ ଡେଙ୍କିକୋଟ୍ ଗ୍ରାମ ଦଳେଇ ସାହିରେ ବୁଧବାର ଘର କାନ୍ଥପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଜୟ ମହାରଣାଙ୍କ ସ୍ତ୍ରୀ ବୁଦୁନୀ ମହାରଣା (୫୮)। ସେ ଘର ଚାରି ପାଖ ସଫା କରୁଥିବା ବେଳେ ଦୁର୍ବଳ ମାଟି କାନ୍ଥ ତାଙ୍କ ଉପରେ ପଡ଼ିଯାଇଥିଲା। ଚିତ୍କାର ଶୁଣି ଘର ଲୋକ ଆସି ତାଙ୍କୁ ବାହାର କରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଘଟଗାଁ ଥାନା ଅଧିକାରୀ ଅଞ୍ଜନ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଡେଙ୍କିକୋଟ ଫାଣ୍ଡି ଅଧିକାରୀ ସୁରଥ ଦେହୁରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଘଟଗାଁ ଥାନାରେ ଏକ ମାମଲା( ନଂ–୬୪/୨୩)ରୁଜୁ ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ତଦନ୍ତକାରି ଅଫିସର ସୁରଥ ଦେହୁରୀ ପ୍ରକାଶ କରିଛନ୍ତି।

# କୁଲଡ଼ିହାରେ ବାଘଗଣନା



ନୀଳଗିରି, ୨୫।୧୦(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଥିବା କୁଲଡ଼ିହା ଅଭୟାରଣ୍ୟରେ ବାଘଗଣନା ଆରମ୍ଭ ହୋଇଯାଇଛି। ବୁଧବାର ସକାଳ ୬ରୁ ଏହି ଗଣନା ଆରମ୍ଭ ହୋଇଛି। ଆସନ୍ତା ୩୦ ତାରିଖ ଯାଏ ୬ ଦିନ ଧରି କୁଲଡ଼ିହା ରେଞ୍ଜର ପ୍ରବୀର ମୁର୍ମୁଙ୍କ ତତ୍ତ୍ୱାବଧାନରେ ଅଭୟାରଣ୍ୟ ଭିତରେ ୧୪ଟି ବିଟ୍‌ରେ ୪୨ଜଣ ବନ କର୍ମଚାରୀଙ୍କ ଦ୍ୱାରା ଅଲଗା ଅଲଗା ଟିମ୍ କରି ଅଭୟାରଣ୍ୟରେ ବାଘ ଗଣନା ଓ ବାଘଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ଯଦି କେଉଁଠାରେ ବାଘର ସନ୍ଧାନ ମିଳେ ତା'ହେଲେ ସେହି ଅଞ୍ଚଳରେ ଟ୍ରାପ କ୍ୟାମେରା ବସିବ ବୋଲି କୁହାଯାଇଛି। ବଣପାହାଡ଼ ଘେରା ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ କୁଲଡିହା ଅଭୟାରଣ୍ୟରେ ଶତାଧିକ ହାତୀ, ଭାଲୁ, ଗୟଳ, କୁଟାରୀ, ସମ୍ବର, ହରିଣ ଆଦି ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁ ବସବାସ କରନ୍ତି। ଏହି ଅଭୟାରଣ୍ୟ ସହ ମୟୂରଭଞ୍ଜ ଜିଲାର ଶିମିଳିପାଳ ଓ କେଉଁଝର ଜିଲାର ହଦଗଡ଼ ଜଙ୍ଗଲ ଲାଗି ରହିଛି। ଜୀବଜନ୍ତୁମାନେ ଉକ୍ତ ୩ଟି ଜଙ୍ଗଲରେ ନିଜର କରିଡ଼ର ସ୍ଥାପନ କରୁଥିବା କୁହାଯାଏ। ପୂର୍ବରୁ କୁଲଡ଼ିହା ଅଭୟାରଣ୍ୟରରେ କଳରାପତରିଆ ବାଘର ପାଦଚିହ୍ନ ସ୍ପଷ୍ଟ ହୋଇଥିଲା। ସେହିପରି ନୀଳଗିରି ରେଞ୍ଜରେ ମଧ୍ୟ ବାଘଗଣନା ୮ଟି ବିଟରେ ନୀଳଗିରି ରେଞ୍ଜରଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି।

# କୁପାରୀ ଅମ୍ବିକା ଆଶ୍ରମରେ କୁମାରୀ ପୂଜା

ଖଇରା, ୨୫।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ଦେବୀପୀଠ କୁପାରୀ ଅମ୍ବିକା ଆଶ୍ରମରେ ନବରାତ୍ର ପୂଜା ସହିତ ସୋମବାର କୁମାରୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ସଞ୍ଚାଳକ ଶୁଭେନ୍ଦ୍ର ମୁନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୯ଦିନ ଧରି ଚଣ୍ଡୀପାଠ, ରାତ୍ର ପୂଜାର ଆୟୋଜନ କରାଯାଇଥିଲା। ନବମୀ ତିଥିରେ ଶକ୍ତିର ପ୍ରତୀକ ଭାବେ କୁମାରୀମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଓଡିଶାର କୋଣ ଅନୁକୋଣରୁ ଭକ୍ତମାନେ ଏହି କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। କଟକର ରାମ ଅବତାର ଅଗ୍ରୱାଲ ଓ ଅଜୟ କୁମାର ଦାସଙ୍କ ସମେତ ଅନ୍ୟ ପୃଷ୍ଠପୋଷକଙ୍କ ସହଯୋଗରେ କନ୍ୟାପୂଜା ସହ ଚଣ୍ଡୀପାଠ ସମ୍ପନ୍ନ ହୋଇଥିଲା। ୧୯୭୮ ମସିହାରୁ ନିୟମିତ ଭାବେ କୁମାରୀ ପୂଜା ପରମ୍ପରା ଚାଲିଆସୁଛି। ଭାରତୀୟ ପରମ୍ପରାରେ କନ୍ୟାମାନେ ହେଉଛନ୍ତି ଗୌରୀ, ସାବିତ୍ରୀ, ଗଙ୍ଗା, ଗାୟତ୍ରୀ ମାତାଙ୍କ ପ୍ରତୀକ। ଏହି କାରଣରୁ ସେମାନଙ୍କ ସ୍ୱରୂପ ଭାବେ କନ୍ୟା ପୂଜା ବିଧି ରହିଆସିଛି ବୋଲି ଯଜମାନ ରାମ ଅଗ୍ରୱାଲ ଓ ଶୁଭେନ୍ଦ୍ର ମୁନି ପ୍ରକାଶ କରିଛନ୍ତି।



ଆଶ୍ରମ ପରିସରରେ କୁମାରୀ ପୂଜା କରାଯାଉଛି।

# ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ହାଟଡ଼ିହୀ,୨୫।୧୦(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ସୋସୋ ଥାନା ନାହା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ସୁମତି ଜେନା(୮୦)। ସେ ମଙ୍ଗଳବାର ଅପରାହ୍ନରେ ପୋଖରୀ ହୁଡ଼ିରୁ ବିରି ଛୁଇଁ ତୋଳିବାକୁ ଯାଇଥିଲେ। ଅସାବଧାନତା ବଶତଃ ପୋଖରୀ ଭିତରକୁ ଖସି ପଡ଼ିଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ସନ୍ଧ୍ୟାରେ ପୋଖରୀରେ ଭାସୁଥିବା ଦେଖି ଉଦ୍ଧାର କରି ଭଦ୍ରକ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ମେଲାଣି ନେଲେ ମା'

## ବାଲିଘାଟ, ନୁନିଆଯୋରିରେ ମୂର୍ତ୍ତି ବିସର୍ଜନ

**ବାଲେଶ୍ୱର, ୨୫।୧୦(ମାନସ ବିଶ୍ୱାଳ)**

ବାଲେଶ୍ୱର ସହରରେ ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ମେଢ଼ଗୁଡ଼ିକର ବିସର୍ଜନ ଉତ୍ସବ ବୁଧବାର ପାଳିତ ହୋଇଛି। ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ପୂଜା କମିଟି ସଦସ୍ୟମାନେ ବିସର୍ଜନ ଉତ୍ସବ ବହୁ ଆଡ଼ମ୍ବରରେ ନେଇ ପ୍ରଶାସନ ଦ୍ୱାରା ଚିହ୍ନଟ ହୋଇଥିବା କୃତ୍ରିମ ଜଳାଶୟ ଯଥା ବୁଢ଼ାବଳଙ୍ଗ ନଦୀର ବାଲିଘାଟ ଓ ନୁନିଆଯୋରିରେ ମୂର୍ତ୍ତି ବିସର୍ଜନ କରିଛନ୍ତି।

ଚଳିତବର୍ଷ ସହରରେ ମୋଟ୍ ୯୬ଟି ସ୍ଥାନରେ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଥିଲା। ସୁନହଟ୍, ବଙ୍କାଖେଜୁର, ପୁରୁଣାବାଲେଶ୍ୱର, ବାରବାଟୀ, ମଣିଖମ୍ବ, ମାକଲପୁର, ସୁଏଲପୁର, ଆଜିମାବାଦ, ମଲ୍ଲିକାଶପୁର, ମୋତିଗଞ୍ଜ, ଟାଉନହଲ୍, ଗୋପାଳଗାଁ ପ୍ରମୁଖ ଅଞ୍ଚଳଗୁଡ଼ିକରେ ହୋଇଥିବା ମେଢ଼ଗୁଡ଼ିକ ବୁଧବାର ସକାଳ ୧୦ଟା ସମୟରୁ ବାହାରି ସିନେମା ଛକରେ ପହଞ୍ଚ ନମ୍ବରିଂ କରାଯାଇଥିଲା। ସେମାନଙ୍କୁ କ୍ରମାଙ୍କ ଅନୁଯାୟୀ ଅନୁମୋଦିତ ସମୟ ମଧ୍ୟରେ ବାଲିଘାଟରେ ମୂର୍ତ୍ତି ବିସର୍ଜନ କରିଥିଲେ। ସେହିପରି ତାମୁଲିଆ ଫାଟକ, ଆଇଟିଆଇ, ଷ୍ଟେସନ ଛକ, ପୋଲିସ ଲାଇନ୍ ଛକ, ଅଙ୍ଗାରଗଡ଼ିଆ, ସହଦେବଖୁଣ୍ଟା, ଭାସ୍କରଗଞ୍ଜ, ନୂଆସାହି, ଚାନ୍ଦମାରି ପଡ଼ିଆ, ଅରଡ଼ବଜାର, ନୂଆବଜାର ପ୍ରମୁଖ ଅଞ୍ଚଳର ମେଢ଼ଗୁଡ଼ିକ ଫକୀରମୋହନ ଗୋଲେଇ ନିକଟରେ ପହଞ୍ଚି କ୍ରମାଙ୍କ ସଂଖ୍ୟା ଅନୁସାରେ ଯାଇ ନୁନିଆଯୋରିରେ ମୂର୍ତ୍ତି ବିସର୍ଜନ କରିଥିଲେ। ମେଢ଼ଗୁଡ଼ିକୁ ବିଭିନ୍ନ ସୁସଜ୍ଜିତ ଲାଇଟ୍ ସହିତ ପାରମ୍ପରିକ ବାଦ୍ୟ ଯନ୍ତ୍ର, ଡିଜେର ତାଳେ ତାଳେ ପୂଜା କମିଟି ସଦସ୍ୟମାନେ ମା'ଙ୍କୁ ମେଲାଣି ଦେଇଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥାକୁ ଧ୍ୟାନ ଦେଇ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ପ୍ରତ୍ୟକ୍ଷ ଭାବେ ଏହାକୁ ତଦାରଖ କରିଥିଲେ। ଭସାଣି ଉତ୍ସବକୁ ଦେଖିବା ପାଇଁ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସିନେମା ଛକ, ମୋତିଗଞ୍ଜ, ବାରବାଟୀ ଓ ହରିପୁର ଛକ ନିକଟରେ ସ୍ୱତନ୍ତ୍ର ବ୍ୟବସ୍ଥା ସହ ବିଭିନ୍ନ ସୂଚନା ପାଇଁ ଡାକବାଜି ଯନ୍ତ୍ରର ବ୍ୟବସ୍ଥା କରାଯାଇଥିଲା। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏହି ଭସାଣି ଉତ୍ସବରେ ସାମିଲ ହୋଇ ସହଯୋଗ କରିଥିଲେ।


ମା'ଙ୍କ ମୂର୍ତ୍ତିକୁ ବିସର୍ଜନ ନିମନ୍ତେ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

# ତେନ୍ତୁଳିଆ ଦୁର୍ଗାପୂଜା ଉତ୍ସବରେ ଓଲିଉଡ୍ ଷ୍ଟାର ସବ୍ୟସାଚୀ, ଅର୍ଚ୍ଚିତା


ମଞ୍ଚରେ ଓଲିଉଡ୍ ଷ୍ଟାର ଦମ୍ପତିଙ୍କ ସହ ଅନ୍ୟ ଅତିଥି ବୃନ୍ଦ।

**ନୀଳଗିରି, ୨୫।୧୦(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକ ସୀମାନ୍ତ ଗାଁ ତେନ୍ତୁଳିଆଠାରେ ଦୁର୍ଗତିନାଶିନୀଙ୍କ ନବଦିନାତ୍ମକ ପୂଜା ପାଳିତ ହୋଇଛି। ଦୁର୍ଗୋତ୍ସବ କମିଟି ସଭାପତି ବର୍ତ୍ତମାନର ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀଙ୍କ ମାର୍ଗଦର୍ଶନରେ କମିଟି ସଦସ୍ୟଙ୍କ ଉଦ୍ୟମରେ ଦୀର୍ଘ ୧୩ବର୍ଷ ଧରି ମା'ଙ୍କ ପୂଜା ହୋଇଆସୁଛି। ଚଳିତବର୍ଷ ପୂଜା ପେଣ୍ଡାଲରେ ଓଲିଉଡ ସୁପରଷ୍ଟାର ସବ୍ୟସାଚୀ ଏବଂ ନାୟିକା ଅର୍ଚ୍ଚିତାଙ୍କ ସଂଳାପ ଓ ଗୀତରେ ହଜାର ହଜାର ଦର୍ଶକ ଝୁମିଥିଲେ। ତେବେ ପ୍ରାରମ୍ଭିକ ମଞ୍ଚ କାର୍ଯ୍ୟକ୍ରମରେ ସଭାପତି ସେଠୀଙ୍କ ସହ ତାଙ୍କ ସାନଭାଇ ଡା. ପ୍ରଶାନ୍ତ ସେଠୀ ଏବଂ କମିଟିର ସଦସ୍ୟମାନେ ଉଭୟ ଅର୍ଚ୍ଚିତା ଓ ସବ୍ୟସାଚୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦଶମୀରେ ମା'ଙ୍କ ପୂଜାବିଧି ସମ୍ପନ୍ନ ପରେ ପୂର୍ଣ୍ଣାହୂତି ଦିଆଯାଇଥିଲା।

# ଶିଳସୁଆଁ ସାର୍ବଜନୀନ ଦୁର୍ଗା ପୂଜା କମିଟିର ରାବଣପୋଡ଼ି

**ରେମୁଣା, ୨୫।୧୦(ରବୀନ୍ଦ୍ର ମହାକୁଡ଼)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଗୁଡୁଦା ପଞ୍ଚାୟତ ଅଧୀନ ଶିଳସୁଆଁ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ବିଜୟାଦଶମୀ ଉପଲକ୍ଷେ ରାବଣପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଡମ୍ବରୁଧର ମହାଳିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୁବ ସଙ୍ଗଠକ ତଥା ସାମାଜିକ କର୍ମୀ ବଂଶୀଧର ଦଳେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀର୍ଘ ୩୨ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଶିଳସୁଆଁ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରଥମ କରି ଆୟୋଜିତ ହୋଇଥିବା ରାବଣପୋଡ଼ି ଏକ ନିଆରା ପ୍ରୟାସ କରିଥିବାରୁ କମିଟିର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ। ପୂର୍ବରୁ ଗ୍ରାମାଞ୍ଚଳର ଲୋକେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଦେଖିବାକୁ ବାଲେଶ୍ୱର ସହର ଓ ଅନ୍ୟ ସ୍ଥାନକୁ ଯାଉଥିଲେ। କମିଟିର ଏପରି ମହାନ କାର୍ଯ୍ୟ ପାଇଁ ସେ କମିଟି ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି। ସେହିପରି ମୁଖ୍ୟଅତିଥି ରାବଣ ବଧ ସକାଶେ ଅଗ୍ନି ସଂଯୋଗ କରିଥିଲେ। ଆତସବାଜି କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। କମିଟି ସଭାପତି ଯୋଗେଶ୍ୱର ମହାପାତ୍ର, ସମ୍ପାଦକ ଅମରେଶ ଉପାଧ୍ୟାୟ, ସହସମ୍ପାଦକ ଭବେନ୍ଦ୍ର କୁମାର ମହାନ୍ତି, ବରିଷ୍ଠ ସଦସ୍ୟ ମହେଶ୍ୱର ପଣ୍ଡା, ମାୟାଧର ରାଉତ, ନରହରି ରାଉତ, ଦୀନବନ୍ଧୁ ଦାଶ, ବସନ୍ତ ପ୍ରଧାନ, ପୂର୍ବତନ ସମ୍ପାଦକ ସନ୍ତୋଷ କୁମାର ଦାସ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାର୍ବଜନୀନ ଦୁର୍ଗାପୂଜା କମିଟିର ସଦସ୍ୟ ତଥା ଉତ୍ତର ରେମୁଣା ଗ୍ରାମୀଣ ମେଳା କମିଟିର ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗତ ୧୯୯୨ରେ ସ୍ୱର୍ଗତ ଚିନ୍ତାମଣି ମହାପାତ୍ର ଏହି ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ କରିଥିଲେ।


ଶିଳସୁଆଁ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତ ରାବଣ।

# ନବମୀରେ ନବକୁମାରୀ ପୂଜା


ଗୁଡୁପାଳ ଦୁର୍ଗାଙ୍କ ପୀଠରେ ନବକୁମାରୀଙ୍କୁ ପୂଜା କରାଯାଉଛି।

**ତିହିଡି, ୨୫।୧୦(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍‌ର ନନ୍ଦପୁର, ବୁଡ଼ଙ୍ଗ ଆଦି ସ୍ଥାନରେ ବୁଧବାର ଦୁର୍ଗାଙ୍କୁ ମେଲାଣି ଦିଆଯାଇଛି। ତେବେ ମହାନବମୀ ତିଥିରେ ନିଆରା ପରମ୍ପରା ସ୍ୱରୂପ ମୁକୁନ୍ଦପୁର ପଞ୍ଚାୟତ ଗୁଡୁପାଳ ଏବଂ କାଁପଡ଼ାରେ ନବକୁମାରୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ୯ କୁମାରୀଙ୍କୁ ନବ ଦୁର୍ଗା ବେଶରେ ସଜ୍ଜିତ କରାଯାଇ ପୂଜା ମଣ୍ଡପ ନିକଟକୁ ନିଆଯାଇଥିଲା। ପୂଜାର କର୍ତ୍ତା ସେମାନଙ୍କ ପାଦ ଧୋଇବା ପରେ ଚନ୍ଦନ ଚର୍ଚ୍ଚିତ କରି କୁମାରୀମାନଙ୍କର ପୂଜା କରିଥିଲେ। କୁମାରୀମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ମା'ଙ୍କ କୃପା କାମନା ଲକ୍ଷ୍ୟରେ ଦେବୀପୀଠରେ ଏହି ପରମ୍ପରା ଚାଲୁ ରହିଥିବା ପୂଜା କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ବ୍ଲକ୍ ଛକରେ ଅନୁଷ୍ଠିତ ପୂଜାରେ ଦଶହରାରେ ଭୁବନେଶ୍ୱରର ତ୍ରିଶକ୍ତି ଫାଉଣ୍ଡେସନ ପକ୍ଷରୁ ନିସହାୟ ଲୋକମାନଙ୍କ ପାଇଁ ଅନ୍ନ ବ୍ୟବସ୍ଥା କରାଯାଇଥିଲା। ଫାଉଣ୍ଡେସନର ସଭାପତି ଅକ୍ଷୟ ଦାସ, ଅନାଦି ଦାସ, ମହେଶ ସାହୁ, ବିଶ୍ୱଜିତ୍ ପ୍ରଧାନ, ପ୍ରକାଶ ଖିଲାର ପ୍ରମୁଖ ସମ୍ପାଦନ କରିଥିଲେ। ଏହିପରି ବୋଡ଼କ, ବାରୋ ଖାଲସା, ପୀରହାଟ ପାଢୀସାହି, ବାରବାଟିଆ, କୋହ୍ଲ ପଡିସାହି, ଅର୍ଜ୍ଜୁନବିନ୍ଧା ପ୍ରମୁଖ ସ୍ଥାନରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି।

# ୭୫୦୦ରେ ନିଲାମ ହେଲା ଆଶୀର୍ବାଦ ଲଡୁ

**ଉଦଳା, ୨୫।୧୦(ସନ୍ତୋଷ କୁମାର ବାଛିନୀ):** ଆମ ଦୁର୍ଗାପୂଜା କମିଟି ଉଦଳା ପକ୍ଷରୁ ଦେବୀ ଦୁର୍ଗାଙ୍କ ଆଶୀର୍ବାଦ ଲଡୁ ନିଲାମ ହୋଇଛି। ୭ହଜାର ୫ଶହ ଟଙ୍କା ମୂଲ୍ୟରେ ଏହି ଲଡୁକୁ ପୂଜା କମିଟିର ସଦସ୍ୟ କଲ୍ଲକ ସିଂହଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ପରମ୍ପରା ଅନୁଯାୟୀ ଏକ ଆକର୍ଷଣୀୟ ବୁନ୍ଦି ଲଡୁ ଦେବୀଙ୍କ ନିକଟରେ ଭୋଗ ଲାଗି ହୋଇଥାଏ। ଏହି ଲଡୁକୁ ବିଜୟାଦଶମୀ ଦିନ କମିଟିର କାର୍ଯ୍ୟକର୍ତ୍ତା, ଉପଦେଷ୍ଟା ଏବଂ ସମସ୍ତ ସଦସ୍ୟମାନଙ୍କ ଉପସ୍ଥିତିରେ ନିଲାମ କରାଯାଇଥାଏ। କମିଟି ସଭାପତି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ବିଧାୟକ ଭାସ୍କର ମଢେଇ, ସମ୍ପାଦକ ଅମୀୟ କୁମାର ବଳ, ଉପଦେଷ୍ଟା ଇଂ. ମାନସ ରଞ୍ଜନ ମହାନ୍ତି, ବିଶ୍ୱଜିତ୍ ନାୟକ, ପ୍ରଦୀପ ମହାନ୍ତି, ଅମରେଶ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



# ଶ୍ରୀଦୁର୍ଗାପୂଜା କମିଟି ପକ୍ଷରୁ ରାବଣପୋଡ଼ି

**ଢେଙ୍କିକୋଟ, ୨୫।୧୦(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମରେ ଶ୍ରୀଦୁର୍ଗାପୂଜା କମିଟି ଦ୍ୱାରା ମା' ଦଶଭୁଜା ଦୁର୍ଗାଙ୍କ ଦଶମୀ ତିଥିରେ ରାବଣ ପୋଡ଼ି ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ରାବଣ ପୋଡ଼ି ପଡ଼ିଆଠାରେ କମିଟିର ସଭାପତି ସନ୍ତୋଷ ଶତପଥିଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହୋଇଥିଲା। ସମ୍ପାଦକ ଅମର ସିଂହ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗିରଥୀ ପୃଷ୍ଟି, ମୁଖ୍ୟ ବକ୍ତାଭାବେ ଖବରଦାତା ନୃସିଂହନାଥ ସିଂହ, ସମ୍ମାନୀୟ ଅତିଥିଭାବେ ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର ଯୋଗ ଦେଇଥିଲେ। ରାବଣପୋଡ଼ି ଉତ୍ସବ ଦେଖିବା ପାଇଁ ଏକ ହଜାରରୁ ଊର୍ଦ୍ଧ୍ୱ ଜନ ସମାଗମ ହୋଇଥିଲା।



# ନିଆଁରେ ଚାଲିଲେ ମାନସିକଧାରୀ

**ପାଟଣା, ୨୫।୧୦**
**(ବୀର କିଶୋର ଦାଶ)**

ମା' ଦୁର୍ଗାଙ୍କୁ ମେଲାଣି ଦେବା ଓ ମନସ୍କାମନା ପୁରଣ ପାଇଁ ବିଭିନ୍ନ ସ୍ଥାନରେ ରହିଛି ଅଲଗା ପରମ୍ପରା। କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତ୍ରିବିନ୍ଧା ଗ୍ରାମରେ ଥିବା ଦୁର୍ଗା ମନ୍ଦିରରେ ପରମ୍ପରା ଅନୁଯାୟୀ ବୁଧବାର ମା'ଙ୍କ ପୀଠରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଛି। ରାଜା ରାଜୁଡ଼ା ଅମଳରୁ ଏଠାରେ ମା' ଦୁର୍ଗାଙ୍କୁ ପ୍ରସନ୍ନ କରିବା ପାଇଁ ମାନସିକଧାରୀ କାଳୀସିମାନେ ଉପବାସ ରହି ବ୍ରତ କରି କଣ୍ଟା କଠଉ ପିନ୍ଧି ଚାଲିବା, କଣ୍ଟା ପିଢ଼ାରେ ବସିବା, ରଢ଼ ନିଆଁରେ ଚାଲିବା ଭଳି କୌଶଳ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ରହିଛି ମା'ଙ୍କୁ ଏଭଳି ଉପାୟରେ ପ୍ରୀତ କଲେ ଗାଁକୁ ବିପତ୍ତି ନ ଆସିବା ସହ ଲୋକ ରୋଗ ବ୍ୟାଧିରେ ପଡ଼ିବେ ନାହିଁ। ଶରୀରକୁ କଷ୍ଟ ଦେଇ ମା'ଙ୍କୁ ପ୍ରସନ୍ନ କରିବା ବହୁ ବର୍ଷର ଏହି ପରମ୍ପରା ତ୍ରିବିନ୍ଧା ଗ୍ରାମରେ ଏବେ ବି ଜାରି ରହିଛି। ଏଭଳି ଦୃଶ୍ୟ ଦେଖିବାକୁ ହଜାର ସଂଘ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# କେନ୍ଦୁଝରରେ ବଙ୍ଗୀୟ ପରମ୍ପରାରେ ଦୁର୍ଗାପୂଜା

**କେନ୍ଦୁଝର, ୨୫।୧୦(ଦୀପକ ମିଶ୍ର)**

କେନ୍ଦୁଝର ସହରରେ ପ୍ରଥମ ଥର ଲାଗି ଟେଲିଫୋନ ଛକଠାରେ ବଙ୍ଗୀୟ ପରମ୍ପରାରେ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝରରେ ବସବାସ କରୁଥିବା ବଙ୍ଗାଳି ପରିବାର ଏକାଠି ହୋଇ କୋଲକାତାରୁ ବଙ୍ଗାଳି ପୂଜକଙ୍କୁ ଆଣି ସମ୍ପୂର୍ଣ୍ଣ ବଙ୍ଗୀୟ ଢାଞ୍ଚାରେ ପୂଜା କରିଥିଲେ। ପରମ୍ପରା ଅନୁଯାୟୀ ବଙ୍ଗାଳି ପରିବାରର ସ୍ତ୍ରୀ ଲୋକମାନେ ବଙ୍ଗଳାରେ ପ୍ରସିଦ୍ଧ ସିନ୍ଦୁର ଖେଳ ଦଶହରା ଦିନ ଖେଳିଥିଲେ। ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଏହି ସିନ୍ଦୁର ଖେଳକୁ ଉପଭୋଗ କରିଥିଲେ।



# ଭସାଣିରେ ସିନ୍ଦୂର ଖେଳ

**ବାରିପଦା, ୨୫।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଧରାପୃଷ୍ଠରୁ ମେଲାଣି ନେଇଛନ୍ତି ଦୁର୍ଗତୀନାଶିନୀ ମା' ଦୁର୍ଗା । ଦଶହରାରେ ଭକ୍ତମାନେ ମା'ଙ୍କୁ ବରଣ କରି ସିନ୍ଦୁର ଲଗାଇଛନ୍ତି। ଏହି ସିନ୍ଦୂରକୁ ମହିଳାମାନେ ପରସ୍ପର ମଧ୍ୟରେ ଲଗାଇ ଦେବୀଙ୍କୁ ବିଦାୟ ଦେଇଛନ୍ତି। ମୟୂରଭଞ୍ଜ ଜିଲା ବାରିପଦା ଶହୀଦ ପଡ଼ିଆ ପୂଜା କମିଟି ପକ୍ଷରୁ ଆୟୋଜିତ ଭସାଣିରେ ମହିଳାଙ୍କ ଦ୍ୱାରା ସିନ୍ଦୂର ଖେଳ ଲୋକପ୍ରିୟ ହୋଇପାରିଛି ।

୯୦ ବର୍ଷରେ ପଦାର୍ପଣ କରିଥିବା ଶହୀଦ ପଡ଼ିଆ ପୂଜା ମଣ୍ଡପରେ ସଂସ୍କୃତି ଓ ପରମ୍ପରାକୁ ନେଇ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମହିଳାମାନେ ମା'ଙ୍କୁ ପାନ ପତ୍ରରେ ବରଣ କରିବା ସହ ସିନ୍ଦୁର ଲଗାଇବା ପରେ ସେହି ସିନ୍ଦୂରକୁ ପରସ୍ପର ମଧ୍ୟରେ ଲଗାଇଥିଲେ। ବିସର୍ଜନ ସମୟରେ ରାସ୍ତା ପାର୍ଶ୍ୱରେ ଥିବା ଶ୍ରଦ୍ଧାଳୁମାନଙ୍କୁ ଲଡୁ ବଣ୍ଟନ କରାଯାଇଥିଲା। ଏହି ପୂଜା ମଣ୍ଡପରେ ମୟୂରଭଞ୍ଜ ରାଜ ପରିବାର ପକ୍ଷରୁ ରାଜବାଟୀରେ ବାରିପଦାର ପ୍ରଥମେ ଦୁର୍ଗାପୂଜା ହୋଇଆସୁଥିଲା। ତତ୍କାଳୀନ ମହାରାଜାଙ୍କ ଆଦେଶ କ୍ରମେ ୧୯୩୪ରେ ଶହୀଦ ପଡ଼ିଆରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ସ୍ୱର୍ଗତ ଆନନ୍ଦ ଶଙ୍କର ମଜୁମଦାର, ବ୍ରଜ ଗୋପାଳ ଘୋଷାଲ, ଓ ଅନୁକୂଳ ଚାଟାର୍ଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ପ୍ରଥମ ବର୍ଷ ପୂଜା ମଣ୍ଡପରେ ଖୁଣ୍ଟ ପୋତି ଚାଳଘରେ ଆରମ୍ଭ କରାଯାଇଥିବା ବେଳେ ବର୍ତ୍ତମାନ ସ୍ୱତନ୍ତ୍ର ମଣ୍ଡପରେ ମା'ଙ୍କୁ ପୂଜା କରାଯାଉଛି । ଚଳିତ ବର୍ଷ କମିଟିର ସଭାପତି ସଜ୍ଜଳ ମୌଳିକ କୁହନ୍ତି, ପୂଜାର ବ୍ୟୟ ଅଟକଳର ସିଂହଭାଗ ଖର୍ଚ୍ଚ ଅନ୍ନଭୋଗ ବଣ୍ଟନରେ କରାଯାଇଛି । ହଜାର ହଜାର ଲୋକ ପ୍ରସାଦ ସେବନ କରିଥିଲେ। ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚଳିତ ବର୍ଷ ମା'ଙ୍କ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଛି। ସମ୍ପାଦକ ଅଜିତ କୁମାର ଦଳେଇ ଓ କୋଷାଧ୍ୟକ୍ଷ ସୁଦୀପ୍ତ ମୌଳିକଙ୍କ ସମେତ କମିଟିର କର୍ମକର୍ତ୍ତାମାନେ ମାସକ ପୂର୍ବରୁ ପୂଜା ପ୍ରସ୍ତୁତିକୁ ଆଗେଇ ନେଇଥିଲେ ।



ମହିଳାମାନେ ସିନ୍ଦୂର ଖେଳ ଖେଳୁଛନ୍ତି।

